بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨୬ ସେପ୍ଟେମ୍ବର ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

## ହୁନେନ୍ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱର ଅ.ବ କହିଲେ; ଗତ ଖୁତ୍‌ବାରେ ହୁନେନ୍ ଯୁଦ୍ଧରୁ ମାଲେ ଗନିମତ୍ (ଅର୍ଜିତ ଧନ) ବଣ୍ଟନ କରିବାର ଚର୍ଚ୍ଚା ଚାଲିଥିଲା, ସେହି ପରିପ୍ରେକ୍ଷୀରେ ଅତିରିକ୍ତ ବର୍ଣ୍ଣନା ଉଲ୍ଲେଖ ରହିଛି । ଯେପରିକି ପୂର୍ବରୁ ବର୍ଣ୍ଣନା କରାଯାଇଥିଲା ଯେ, ଯେତେବେଳେ ହଜରତ ମୁହମ୍ମଦ ସ.ଅ ମାଲେ ଗନିମତ୍ ବଣ୍ଟନ କଲେ ଏବଂ ଯୁଦ୍ଧରେ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କ ଭାଗ ମଧ୍ୟ ପ୍ରଦାନ କଲେ, ହଁ ଯେଉଁ ଏକ ପଞ୍ଚମାଂଶ (ଭାଗ) ରହିଥିଲା ତାହା ପାଖାପାଖି ସମ୍ପୂର୍ଣ୍ଣ ରୂପେ ମୌଲଫତୁଲ୍ କୁଲୁବ୍ (ନବାଗତ ମୁସଲମାନମାନଙ୍କ ମନ ଜିଣିବା)କୁ, କୁରୈଶର ସରଦାର ଓ ଆରବର ଅନ୍ୟାନ୍ୟ ସରଦାରମାନଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ ଅର୍ଥାତ୍ କାହାକୁ ୧୦୦ ଗୋଟି ତ କାହାକୁ ୫୦ ଗୋଟି ଓଟ ପ୍ରଦାନ କରିଥିଲେ । ଏତେ ମାତ୍ରାରେ ଅନ୍ୟମାନଙ୍କୁ ଅର୍ଥ ବଣ୍ଟନ କରିଥିଲେ ଯେ, ଅନସାର୍‌ମାନଙ୍କ ମଧ୍ୟରୁ କେତେକ ଯୁବକ ଏପରି ଅନୁଭବ କଲେ ଓ ମଣିଲେ ଯେ, ନିଜର ସେବା ତଥା ହୁଜୁର ସ.ଅଙ୍କୁ ପ୍ରେମ କରିବାରେ ସେମାନେ ଅନ୍ୟମାନଙ୍କ ତୁଳନାରେ (ସେହି ଧନ ପାଇବାର) ଅଧିକ ହକଦାର ଥିଲେ ।

ମହାମହିମ ହୁଜୁର ଅନୱର ଅ.ବ କହିଲେ; କଦାଚିତ ଅମନୋଯୋଗତାରେ କରାଯାଇଥିବା ଅନେକ କଥା ବେଶ୍ ଦୂରବର୍ତ୍ତୀ ପରିଣାମ ବହନ କରିଥାଏ । ଯଦିଚ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କର ମାଲେ ଗନିମତ୍ ବଣ୍ଟନ କରିବାକୁ ନେଇ କେତେକ ଅନସାର୍ ଯୁବକ ଅସହମତି ପ୍ରକାଶ କରିଥିଲେ, କିନ୍ତୁ ସେମାନଙ୍କ ମଧ୍ୟରୁ ସଭିଏଁ ଏପରି କରି ନଥିଲେ । ତଥାପି ଏହା ଈଶ୍ୱର ଓ ତାଙ୍କ ରସୁଲ ସ.ଅଙ୍କୁ ଏପରି ନାରାଜ କରିବା ପ୍ରସଙ୍ଗ ଥିଲା ଯେ, ତାହାର କୁପରିଣାମ ଅନସାର୍‌ମାନଙ୍କୁ ସଂସାର ଥିବା ପର୍ଯ୍ୟନ୍ତ ଭୋଗ କରିବାକୁ ପଡିଥିଲା । ଅତଃ ଏହାର ଆଲୋଚନା କରି ହଜରତ ମୁସଲେହ୍ ମଉଦ ର.ଅ କୁହନ୍ତି; ଯେତେବେଳେ ପୁଣ୍ୟଶ୍ଳୋକ ମକ୍କା ଜୟ କଲେ ସେତେବେଳେ ମକ୍କାର ଲୋକମାନେ ମହାଭାଗଙ୍କ ନିକଟକୁ ଆସିଲେ, ଯାହାଙ୍କ ବିଶ୍ୱାସ ରୂପକ ଅନ୍ତଃଦୃଷ୍ଟି ଏଯାବତ୍ ସମ୍ପୂର୍ଣ୍ଣ ରୂପେ ଦେଖିବାର ଶକ୍ତି ଲାଭ କରି ନଥିଲା ଓ ସେମାନେ ସଂସାର ପ୍ରତି ଆସକ୍ତ ଥିଲେ । ଏଥି ଉତ୍ତାରେ ଗୋଟିଏ ଯୁଦ୍ଧରେ କିଛି ଧନସମ୍ପଦ ମୁସଲମାନମାନଙ୍କ ଅଧୀନକୁ ଆସିଥିଲା । ମହାଭାଗ ସେହି ଧନସମ୍ପଦକୁ ମକ୍କାର ସେହି ଲୋକମାନଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ । ଏକଦା ଗୋଟିଏ ବୈଠକରେ ଜଣେ ଅନସାର୍ ଯୁବକ କହିଲେ; ଆମ ଖଣ୍ଡାରୁ ଏବେ ବି ରକ୍ତବୁନ୍ଦା ନିଗିଡୁ ଅଛି, କିନ୍ତୁ ମହାଭାଗ ସେହି ଯୁଦ୍ଧରୁ ଅର୍ଜିତ ସମ୍ପଦ ନିଜ ପରିଜନମାନଙ୍କୁ ବାଣ୍ଟି ଦେଲେଣି ।

ଯେତେବେଳେ ମହାଭାଗଙ୍କୁ ଏହାର ସୂଚନା ମିଳିଲା ସେତେବେଳେ ହୁଜୁର ସ.ଅ ବଡ ବଡ ଅନସାର ସାହାବିମାନଙ୍କୁ ଡକାଇଲେ ଓ କହିଲେ, ମୋତେ ଏପରି ଖବର ମିଳିଛି । ଏଥିରେ ଅନସାରମାନେ ରୋଦନ କରିବାକୁ ଲାଗିଲେ ଓ କହିଲେ; ଏକଥା କୌଣସି ନିର୍ବୋଧ ଯୁବକ କହିଦେଇଛି । ଏଥିରେ ହୁଜୁର ସ.ଅ କହିଲେ; ନା ନା, ହେ ଅନସାର୍‌ଗଣ ! ତୁମେ ଏପରି କହିପାର ଯେ, ଆମେମାନେ ମୁହମ୍ମଦ ସ.ଅଙ୍କୁ ଏପରି ସମୟରେ ଆଶ୍ରୟ ଦେଲୁ ଯେତେବେଳେ ତାହାଙ୍କୁ

କେହି ଆଶ୍ରୟ ଦେଉ ନଥିଲେ ଓ ତାଙ୍କର ସହରବାସୀ ହିଁ ତାଙ୍କୁ ବିତାଡ଼ିତ କରି ଦେଇଥିଲେ । ଆଉ ଯେତେବେଳେ ତାଙ୍କୁ ସମ୍ମାନ ଓ ବିଜୟ ଲାଭ ହେଲା ସେତେବେଳେ ସେ (ଯୁଦ୍ଧ ଅର୍ଜିତ ସମ୍ପଦ) ନିଜ ପରିଜନଙ୍କ ମଧ୍ୟରେ ବାଣ୍ଟି ଦେଲେ । ଏଥିରେ ଅନସାର୍‌ମାନେ ଚିତ୍କାର କରି ରୋଦନ କରିବା ଆରମ୍ଭ କରିଦେଲେ । ସେମାନେ ପୁନଶ୍ଚ କହିଲେ; ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ଆମେମାନେ ଏପରି କହୁ ନାହୁଁ । ତହୁଁ ମହାଭାଗ କହିଲେ; ତୁମେ ଏକଥାକୁ ଅନ୍ୟ ପ୍ରକାରେ ମଧ୍ୟ କହିପାର ଏବଂ ତାହା ଏହିକି ଯେ, ଯେଉଁ ବ୍ୟକ୍ତିଙ୍କୁ ଈଶ୍ୱର ସକଳ ସଂସାରବାସୀଙ୍କ ସତ୍‌ପଥ ପ୍ରାପ୍ତ କରିବା ସକାଶେ ଆବିର୍ଭାବ କଲେ, ତାହା ମକ୍କାର ଥିଲା । କିନ୍ତୁ ଐଶ୍ୱର୍ଯ୍ୟମୟ ପ୍ରଭୁ ତାହାକୁ ମଦିନା ଘେନି ନେଲେ । ପୁନଶ୍ଚ ପରାକ୍ରମୀ ଈଶ୍ୱର ନିଜ ପ୍ରଭୁତ୍ୱ ଓ ଶକ୍ତି ବଳରେ ମକ୍କାକୁ ତାଙ୍କ ସକାଶେ ଜୟ କଲେ, ସେତେବେଳେ ମକ୍କାବାସୀ ମନେକରୁ ଥିଲେ ଯେ, ତାଙ୍କର ପୁରସ୍କାର (ଅର୍ଥାତ୍ ନବୀ) ତାଙ୍କୁ ମିଳିଯିବ । **କିନ୍ତୁ ସେମାନେ ଛେଳିମେଣ୍ଢାଙ୍କୁ ସାଥିରେ ନେଇଗଲେ, ଆଉ ମଦିନାବାସୀ ନିଜ ରସୁଲଙ୍କୁ ସାଥିରେ ନେଇ ନିଜ ସହରକୁ ଫେରିଲେ** । ପୁନଶ୍ଚ ହୁଜୁର[ସ.ଅ] କହିଲେ; ନିଃସନ୍ଦେହରେ ଏକଥା ଜଣେ ନିର୍ବୋଧ ଯୁବକ ମୁଖରୁ ନିଃସୃତ ହୋଇଛି । କିନ୍ତୁ ଏଥିଯୋଗୁଁ ତୁମମାନଙ୍କୁ ଆସନ୍ତାରେ ସାଂସାରିକ ରାଜତ୍ୱ (କଦାପି) ଲାଭ ହେବ ନାହିଁ । ଏବେ ତୁମକୁ ତୁମ ସେବାର ପ୍ରତିଫଳ ହୌଜେ କୌସର୍ (ଅର୍ଥାତ୍ ପରକାଳ)ରେ ପ୍ରାପ୍ତ ହେବ । ମହାଭାଗ କହିଲେ; ଦେଖିନିଅ ଇତିହାସ ସ୍ପଷ୍ଟ ରୂପେ ଦର୍ଶାଉଛି ଯେ ୧୩୦୦ ବର୍ଷ ଅତିବାହିତ ହୋଇଗଲାଣି ଓ ୧୪୦୦ ବର୍ଷ ଜାରି ରହିଛି (ବରଂ ଏବେ ତ ତାହା ମଧ୍ୟ ଅତିବାହିତ ହୋଇଗଲାଣି) ଇତି ମଧ୍ୟରେ ପ୍ରତ୍ୟେକ ଗୋଷ୍ଠୀ ଇସଲାମର ଆଶିଷ ଫଳରେ ରାଜା ମହାରାଜା ହୋଇଛନ୍ତି । କିନ୍ତୁ କୌଣସି ଅନସାର୍‌କୁ ଏଯାବତ୍ ରାଜା (ଶାସକ) ହେବାର ସୌଭାଗ୍ୟ ଲାଭ ହୋଇ ନାହିଁ । ସୁତରାଂ ଅନେକ ସମୟରେ ଜଣେ ବ୍ୟକ୍ତିର କଥା ସମଗ୍ର ଗୋଷ୍ଠୀ ପାଇଁ କ୍ଷତି ଓ ହାନୀର କାରଣ ସାବ୍ୟସ୍ତ ହୋଇଥାଏ ।

ହଜରତ ମୁସଲେହ୍ ମଉଦ[ର.ଅ] ଏହି ଘଟଣା ନିଜର ଏକ ଖୁତ୍‌ବାରେ ବର୍ଣ୍ଣନା କରିଛନ୍ତି ଓ ଏହି ଚର୍ଚ୍ଚା କରି ହୁଜୁର[ର.ଅ] ଜମାଅତକୁ ଯେଉଁ ଉପଦେଶ ଦେଇଛନ୍ତି, ତାହା ଆଜି ମଧ୍ୟ ଆମମାନଙ୍କ ସକାଶେ ସେହିପରି ଗୁରୁତ୍ୱପୂର୍ଣ୍ଣ ଯେପରି ସେତେବେଳେ ଥିଲା । ହଜରତ ମୁସଲେହ୍ ମଉଦ[ର.ଅ] କହିଛନ୍ତି; ସେହି ଲୋକମାନେ ଯେ ବଳିଦାନ ଏଥିସକାଶେ କରିଥାନ୍ତି ଯେ, ତାହା ଫଳରେ ତାଙ୍କୁ କୌଣସି ପଦପଦବୀ ଅବା ଧନଦୌଲତ ଆଦି ମିଳିବ, ସେମାନେ କଦାପି ମୋ (ଅର୍ଥାତ୍ ଖଲିଫାଙ୍କ) ଡ଼ାକରାରେ ବଳିଦାନ କରିବାକୁ ନଆସନ୍ତୁ, ବରଂ ସେହି ଲୋକମାନେ ଆସନ୍ତୁ ଯିଏ ଈଶ୍ୱରଙ୍କ ସକାଶେ ବଳିଦାନ ଓ ତ୍ୟାଗ କରୁଛନ୍ତି । କାରଣ ମୁଁ ସ୍ୱୟଂ (ଶାରୀରିକ ଦୃଷ୍ଟିରୁ) ଜଣେ ଦୁର୍ବଳ ଓ ବ୍ୟାଧିଗ୍ରସ୍ତ ମଣିଷ । ମୁଁ କାହାର ଦୟା ଓ ଅନୁକମ୍ପାର ଭାର ବହନ କରିପାରିବି ନାହିଁ । ସୁତରାଂ ମୁଁ ନିଜ ପାଇଁ ମାଗୁ ନାହିଁ, ଯିଏ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଦେଇଥାଏ, ସେ ଦେଉ ଓ ସେହି ସର୍ବଶକ୍ତିମାନ ପ୍ରଭୁ ତାହାକୁ ତାହାର ପ୍ରତିବଦଳ ପ୍ରଦାନ କରିବେ । ଈଶ୍ୱରଙ୍କ ଉପରେ ଭରସା ରଖିବା ଉଚିତ୍ । ଯଦି ସେ (ଅର୍ଥାତ୍ ଅଲ୍ଲାଃ) ଇଚ୍ଛା କରନ୍ତି ତେବେ ତାକୁ ଏହି ଇହକାଳରେ ହିଁ ପ୍ରଦାନ କରିଦେବେ । ଆଉ ଯଦି ଇଚ୍ଛା କରନ୍ତି ତେବେ ତାକୁ ପରକାଳରେ ପ୍ରଦାନ କରିବେ । ସେ ଯାହା ହେଉ ଯେଉଁ ବ୍ୟକ୍ତି ନିଷ୍ଠାର ସହିତ ବଳିଦାନ କରିଥାଏ, ତାହାର ବଳିଦାନ ବ୍ୟର୍ଥ ଯାଇ ନଥାଏ । **ବିଶ୍ୱାସକାରୀର ବଳିଦାନକୁ କେହି ହେଲେ ମଧ୍ୟ ନଷ୍ଟ କରିପାରି ନଥା'ନ୍ତି** । ସୁତରାଂ ସେହି ଲୋକମାନେ ବଳିଦାନକାରୀ ଯେ ଈଶ୍ୱରଙ୍କୁ ନିଜ ସମ୍ମୁଖରେ ରଖନ୍ତି, ନା କି ସଂସାରକୁ । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏକ ବୟସରେ ଉପନିତ ହେବା ପରେ ଜମାଅତର ସଦସ୍ୟଙ୍କ ମନରେ ଏହି ଭାବନା ଜାଗ୍ରତ ହୋଇଥାଏ ଯେ, ଆମର ଏପରି ଅଭିଜ୍ଞତା ରହିଛି, ଆମେ ଏପରି ଏପରି ସେବା କରିଛୁ, ଆମକୁ ତାହାର ପୁରସ୍କାର ମିଳିବା ଉଚିତ୍ । ଯାହାକି ମିଳୁ ନାହିଁ, ସେମାନେ ଚିନ୍ତା କରନ୍ତୁ ଯେ କ'ଣ ତାଙ୍କୁ କେବଳ ସାଂସାରିକ ପୁରସ୍କାର ଲୋଡ଼ା ଅବା ସେମାନଙ୍କୁ ଅଲ୍ଲାଃତାଲାଙ୍କ ପୁରସ୍କାରର ଉତ୍ତରାଧିକାରୀ ହେବାର ଅଛି ? ଆଜି ଠାରୁ ଅନସାର୍‌ମାନଙ୍କ ଇଜ୍‌ତେମା ମଧ୍ୟ ଅନୁଷ୍ଠିତ ହେଉଅଛି । ଏହି ବୟସରେ ଏପରି ଚିନ୍ତାଧାରା ମନରେ ଉଦ୍ରେକ ହୋଇଥାଏ, ଯେତେବେଳେ କି ଅଭିଜ୍ଞତା ଆସି ଯାଇଥାଏ । ଅନସାର୍‌ମାନଙ୍କୁ ମଧ୍ୟ ମୁଁ କହିବାକୁ ଚାହେଁ, ଯେ ଯଦି କାହାରି ମନରେ ନିଜ ଅଭିଜ୍ଞତା ଓ ସେବା କରିବାକୁ କେନ୍ଦ୍ର କରି ଏପରି ଭାବନା (ମନରେ) ଉତ୍ପନ୍ନ

ହେଉଥାଏ ତେବେ ସେ ତାହାକୁ ଛିଞ୍ଚାଡ଼ି (ଦୂରେଇ) ଦେଉ ଓ ଈଶ୍ୱରଙ୍କ ପ୍ରୀତିଭାଜନ ଲାଭ କରିବାକୁ ଉଦ୍ୟମ କରୁ । ସେହି ବର୍ଣ୍ଣନାକ୍ରମରେ ପଲ୍ଲିବାସୀ ଓ ଗାଉଁଲି ଲୋକମାନଙ୍କ ଧୈର୍ଯ୍ୟହରା ହେବାର ମଧ୍ୟ ଚର୍ଚ୍ଚା ମିଳୁଅଛି । ମାଲେ ଗନିମତ୍ ବଣ୍ଟନ ସମୟରେ କିଛି ଗାଉଁଲି ଲୋକମାନେ ମହାଭାଗଙ୍କୁ ଘେରିଗଲେ ଓ ଧନର ଦାବି କଲେ । କିନ୍ତୁ ସେମାନଙ୍କର ଏହି ଅସଭ୍ୟ ଓ ଅଶିଷ୍ଟ ଆଚରଣ ସତ୍ତ୍ୱେ ହୁଜୁର[ସ.ଅ] ତାଙ୍କୁ କିଛି କହିଲେ ନାହିଁ, ନା ହିଁ ତାଙ୍କ ଉପରେ କ୍ରୋଧିତ ହେଲେ । ବରଂ ସ୍ମିତହାସ୍ୟ ପ୍ରକଟ କରି ଅତି ଭଦ୍ରତାର ସହିତ ତାଙ୍କର ତରବିୟତ୍ କଲେ ଓ ସେମାନଙ୍କୁ ଅର୍ଥ ପ୍ରଦାନ କଲେ ।

ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; ଏହି ଯୁଦ୍ଧଗୁଡ଼ିକରୁ ମୁକ୍ତ (ଖଲାସ) ହେବା ପରେ, ସେହି ଧନସମ୍ପଦ ଯାହାକି ଶତ୍ରୁ ପକ୍ଷ ଛାଡ଼ି ପଳାୟନ କରିଥିଲା । ତାହା ପାରମ୍ପାରିକ ଦୃଷ୍ଟିରୁ ହୁଜୁର [ସ.ଅ]ଙ୍କୁ ମୁସଲମାନ ସୈନିକମାନଙ୍କ ମଧ୍ୟରେ ବଣ୍ଟନ କରିବାର ଥିଲା । କିନ୍ତୁ ତାହା ପରିବର୍ତ୍ତେ ମହାଭାଗ ମକ୍କା ଓ ଆଖପାଖର ଲୋକମାନଙ୍କ ମଧ୍ୟରେ ବାଣ୍ଟି ଦେଲେ । କାରଣ ସେମାନଙ୍କ ଅନ୍ତରରେ ବିଶ୍ୱାସ ସ୍ଥାନିତ (ଉତ୍ପନ୍ନ) ହୋଇ ନଥିଲା, ସେମାନଙ୍କ ମଧ୍ୟରୁ ଅନେକ ସେପର୍ଯ୍ୟନ୍ତ ଅମାନ୍ୟକାରୀ ଥିଲେ । ଆଉ ଯେଉଁମାନେ ମୁସଲମାନ ହୋଇଥିଲେ, ସେମାନେ ନବାଗତ ମୁସଲମାନ ଥିଲେ । ଏହା ସେମାନଙ୍କ ସକାଶେ ଏକ ନୂଆ କଥା ଥିଲା ଯେ, ଗୋଟିଏ ଗୋଷ୍ଠୀ ନିଜର ଧନ ଅନ୍ୟମାନଙ୍କ ଉପରେ ଲୁଟାଇ ଦେଉଛି । ଅନେକ ଲୋକଙ୍କ ମନରେ ସେହି ଧନ ବାଣ୍ଟିବା ଦ୍ୱାରା ସେମାନଙ୍କ ହୃଦୟରେ ପୁଣ୍ୟ ଓ ଧର୍ମନିଷ୍ଠତା ଉତ୍ପନ୍ନ ହେବା ପରିବର୍ତ୍ତେ ଈର୍ଷାପରାୟଣତା ଆହୁରି ବୃଦ୍ଧି ପାଇଲା । ସେମାନେ ହୁଜୁର [ସ.ଅ]ଙ୍କୁ ଚତୁର୍ପାର୍ଶ୍ୱରୁ ଘେରିନେଲେ ଓ (ଅର୍ଥ) ଦାବି କରିବା ସହିତ ହୁଜୁର [ସ.ଅ]ଙ୍କୁ ବିରକ୍ତ କରିବା ଆରମ୍ଭ କରିଦେଲେ । ଏପରିକି ଆପଣଙ୍କୁ ଧକ୍କା ଦେଇ ଏକ ବୃକ୍ଷ ଆଡ଼କୁ ନେଇଗଲେ ଏବଂ ଜଣେ ବ୍ୟକ୍ତି ତ ମହାଭାଗଙ୍କ ଚାଦର ଯାହାକି ଆପଣଙ୍କ କାନ୍ଧରେ ରହିଥିଲା, ତାହାକୁ ଧରି ଏପରି ମୋଡ଼ିଲା ଯେ ହୁଜୁର [ସ.ଅ]ଙ୍କ ଶ୍ୱାସରୁଦ୍ଧ ହେବା ଆରମ୍ଭ ହୋଇଗଲା । ସେତେବେଳେ ପୁଣ୍ୟଶ୍ଳୋକ କହିଲେ; ହେ ଲୋକମାନେ ! ଯଦି ମୋ ନିକଟରେ ଆଉକିଛି (ଧନ) ଥା'ନ୍ତା ତେବେ ତାହା ମଧ୍ୟ ମୁଁ ତୁମମାନଙ୍କୁ ପ୍ରଦାନ କରି ଦେଇଥା'ନ୍ତି । **ଆଉ ତୁମେ ମୋତେ କଦାପି ଲୋଭି ଅବା କାପୁରୁଷ ପାଇବ ନାହିଁ** ।

ପୁନଶ୍ଚ ମହାଭାଗ ନିଜ ଓଟ ପାଖକୁ ଗଲେ ଓ ତାହାର ଏକ ଚୁଟି କାଢ଼ି ତାହାକୁ ଉର୍ଦ୍ଧ୍ୱଗାମୀ କଲେ ଏବଂ କହିଲେ; ହେ ଲୋକମାନେ ! ମୋତେ ତୁମ ଧନରୁ ଏହି ଚୁଟି ବରାବର (ଧନର) ମଧ୍ୟ ଆବଶ୍ୟକତା ନାହିଁ । କେବଳ ସେହି ଏକ ପଞ୍ଚମାଂଶ ବ୍ୟତୀତ ଯାହାକି ଆରବର ନିୟମାନୁଯାୟୀ ପ୍ରଶାସନର ଅଧିକାର ରହିଛି । ଆଉ ତାହାକୁ ମଧ୍ୟ ମୁଁ ନିଜ ସ୍ୱାର୍ଥରେ ବ୍ୟୟ କରୁ ନାହିଁ, ବରଂ ତୁମମାନଙ୍କ ହିତ ସାଧନରେ ବ୍ୟବହୃତ ହେଉଛି । **ମନେରଖ ! ବିଶ୍ୱାସଘାତୀ (ବ୍ୟକ୍ତି) ପ୍ରଳୟ ଦିବସରେ ଅଲ୍ଲାଃଙ୍କ ସମକ୍ଷ ଅପମାନିତ ହେବ** । ମହାମାନ୍ୟ ହୁଜୁର ଅନୱ୍ୱର[ଅ.ବ] କହିଲେ; ଲୋକମାନେ କହୁଛନ୍ତି ମୁହମ୍ମଦ[ସ.ଅ] ସମ୍ରାଟ ହେବାର ଅଭିଳାଷୀ ଥିଲେ, କ'ଣ ଜଣେ ରାଜଧିରାଜ ଓ ଜନତା ମଧ୍ୟରେ ଏପରି ସମ୍ପର୍କ ରହିଥାଏ । କ'ଣ କାହାରି ସାମର୍ଥ୍ୟ ଥାଏ ଯେ ସେ ଜଣେ ସମ୍ରାଟକୁ ଏପରି ଧକ୍କା ଦେଇ ନେଇଯିବ ଓ ତାହା ଗଳାରେ କପଡା ପକାଇ ଚିପିବ ? ଅଲ୍ଲାଃଙ୍କ ରସୁଲଙ୍କ ବ୍ୟତୀତ ଏପରି ନମୁନା କିଏ ଦେଖାଇ ପାରିବ ? କିନ୍ତୁ ଏପରି ଅଜସ୍ର ଧନଦୌଲତ ଗରିବ ଓ ଅଭାବିମାନଙ୍କ ମଧ୍ୟରେ ବଣ୍ଟନ କରିବା ସତ୍ତ୍ୱେ ସେତେବେଳେ ଏପରି କଠୋର ହୃଦୟ ଲୋକ ମଧ୍ୟ ଥିଲେ, ଯିଏକି ହୁଜୁର [ସ.ଅ]ଙ୍କ ବଣ୍ଟନ ପ୍ରକ୍ରିୟାକୁ ନ୍ୟାୟସଙ୍ଗତ ବୋଲି ବିବେଚିତ କରି ନଥିଲେ ।

ହଦିସ୍‌ରୁ ବର୍ଣ୍ଣନା ମିଳୁଅଛି ଯେ, ମାଲେ ଗନିମତ୍ ବଣ୍ଟନ ସମୟରେ ଜଣେ ଗାଉଁଲି ବ୍ୟକ୍ତି ହୁଜୁର [ସ.ଅ]ଙ୍କ ସେବାରେ ଉପସ୍ଥିତ ହୋଇ କହିଲା, ହେ ମୁହମ୍ମଦ ! ଆପଣ ମୋତେ ଯେଉଁ ପ୍ରତିଶୃତି ଦେଇଥିଲେ, ତାହା ପୂରଣ କରନ୍ତୁ । ମହାଭାଗ କହିଲେ; ତୁମକୁ ଅଭିନନ୍ଦନ ! ସେ ଗାଉଁଲି ବ୍ୟକ୍ତି କହିଲା, ଆପଣ ଅନେକ ଥର ଏହି କଥା କହିଛନ୍ତି, କିନ୍ତୁ ଏଯାବତ୍ କିଛି ହେଲେ ମୋତେ ପ୍ରଦାନ କରି ନାହାନ୍ତି, ବାସ୍ ଆଶ୍ୱାସନା ଦେଇ ଚାଲିଛନ୍ତି । ମହାଭାଗ ତାହାର ଏହି ପ୍ରତିକ୍ରିୟାରେ ଅସନ୍ତୁଷ୍ଟ ହେଲେ ଏବଂ ହୁଜୁର ତାହା ଆଡୁ ନିଜର ପବିତ୍ର ମୁଖ ଫେରାଇ ନେଲେ । ସେହିସ୍ଥଳେ ହଜରତ ଅବୁ ମୁସା ଅଶ୍‌ରୀ[ର.ଅ] ଓ ହଜରତ ବିଲାଲ୍[ର.ଅ] ଛିଡ଼ା ହୋଇଥିଲେ, ତାଙ୍କ ଆଡକୁ ଚାହିଁ ମହାଭାଗ କହିଲେ; ଯେ ତ ସୁସମାଚାର ଗ୍ରହଣ କରିବାକୁ ପ୍ରତ୍ୟାଖ୍ୟାନ କରିଦେଇଛି । ଏବେ ତୁମେ ତାହାକୁ ଗ୍ରହଣ କରିନିଅ ! ଉଭୟେ ଶୁଣିବା

ମାତ୍ରେ କହି ଉଠିଲେ, ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ଆମେ ତାହା ଗ୍ରହଣ କରିନେଲୁ । ସେଥିଅନ୍ତେ ମହାଭାଗ ଜଳପାତ୍ର ମଗାଇଲେ ଓ ତହିଁରେ ନିଜ ପବିତ୍ର ହାତ ଓ ମୁଖ ଧୋଇଲେ ଏବଂ ସେଥିରେ ବର୍ତ୍ତି ଯାଇଥିବା ଜଳକୁ ହଜରତ ଅବୁ ମୁସା ଅଶ୍‌ରୀ[ର.ଅ] ଓ ହଜରତ ବିଲାଲ୍ [ର.ଅ]ଙ୍କୁ ପ୍ରଦାନ କଲେ । ଆଉ କହିଲେ; **ତୁମେ ଦୁହେଁ ତାହାକୁ ପାନ କରିନିଅ ଏବଂ ନିଜ ଚେହେରା ଓ ବକ୍ଷରେ ମଧ୍ୟ ଛିଞ୍ଚି ଦିଅ ତଥା ଆନନ୍ଦିତ ହୋଇଯାଅ** । ବସ୍ତୁତଃ ସେମାନେ ସେହି ଜଳପାତ୍ରକୁ ସଂଗ୍ରହ କରି ସେହିପରି ହିଁ କଲେ । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏଠାରେ ପବିତ୍ର ସହଧର୍ମିଣୀମାନଙ୍କ ନିଷ୍ଠା ଓ ମହାଭାଗଙ୍କ ପବିତ୍ର ଅସ୍ତିତ୍ୱର ଆଶିଷରୁ ଉପକୃତ ହେବାର ମଧ୍ୟ ଏକ ଅଭୂତପୂର୍ବ ଦୃଶ୍ୟ ଦେଖିବାକୁ ମିଳୁଛି । ଉଲ୍ଲେଖ ରହିଛି, ନିକଟରେ ହିଁ ଏକ ଶିବିର ଉମ୍ମୁଲ୍ ମୁମିନିନ୍ (ବିଶ୍ୱାସକାରୀଙ୍କ ମାତା) ହଜରତ ଉମ୍ମେ ସଲ୍‌ମା [ର.ଅ]ଙ୍କର ରହିଥିଲା । **ସେ ପରଦା ଆଢୁଆଳରେ ରହି ଉକ୍ତ ସାହାବା ଦ୍ୱୟଙ୍କୁ କହିଲେ, ନିଜ ମାତାଙ୍କ ପାଇଁ ମଧ୍ୟ କିଛି ଜଳ ବଳକା ରଖିବ** । ଅତଃ ସେମାନେ ହଜରତ ଉମ୍ମେ ସଲ୍‌ମା [ର.ଅ]ଙ୍କ ପାଇଁ କିଛି ଜଳ ଛାଡ଼ି ଦେଲେ ।

ପରିଶେଷରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ଦୁଇଜଣ ମୃତକଙ୍କ ଉତ୍ତମ ଚରିତ୍ର ଚର୍ଚ୍ଚା କଲେ । ପ୍ରଥମ ହେଲେ ଶ୍ରୀମାନ ଫହିମୁଦ୍ଦିନ୍ ନାସିର୍ ସାହେବ ମୁବଲ୍ଲିଗ୍ ସିଲସିଲା ରୋମାନିଆଙ୍କର । ତାଙ୍କ ବଂଶରେ ଅହମଦିୟତ୍‌ର ଆଗମନ ତାଙ୍କ ଅଣଦଦା ମିର୍ଜା ଆଲିମୁଦ୍ଦିନ୍ ସାହେବଙ୍କ ମାଧ୍ୟମରେ ହୋଇଥିଲା । ସ୍ୱର୍ଗତ ୧୯୯୬ ମସିହାରେ ଜାମିୟା ପାସ କରି ପବିତ୍ର କୁରଆନର ବ୍ୟାଖ୍ୟା (ବିଷୟ)ରେ ବିଶେଷଜ୍ଞର ଡ଼ିଗ୍ରୀ ହାସଲ କରିଥିଲେ । ୨୦୦୬ ମସିହାରେ ତାଙ୍କୁ ରୋମାନିଆ (ଦେଶକୁ) ପ୍ରେରଣ କରି ଦିଆଯାଇଥିଲା ଓ ନିଜ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେ ସେହିଠାରେ ସେବା ସମ୍ପାଦନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ସେ ପରଦେଶରେ ଧର୍ମ ପ୍ରଚାରରେ ବଳିଦାନ ଦେଲେ, ଏହି ଦୃଷ୍ଟିରୁ ସେ ଶହିଦ୍‌ର ସ୍ତର ଲାଭ କରିଛନ୍ତି । **ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେ ନିଜ ପ୍ରତିଜ୍ଞା ପୂରଣ କଲେ ଓ ଖୁବ୍ (ସମ୍ପାଦନ) କଲେ** । ନିଃସନ୍ଦେହରେ ଫହିମୁଦ୍ଦିନ୍ ନାସିର୍ ସାହେବଙ୍କର କାର୍ଯ୍ୟକଳାପ ଓ ନମୁନା ବିଶେଷ କରି ଜମାଅତର ଉତ୍ସର୍ଗୀମାନଙ୍କ ସକାଶେ ଶିକ୍ଷଣୀୟ । ଦ୍ୱିତୀୟ ମୃତକ ଜଣକ ହେଲେ ଶ୍ରୀମାନ ଅବ୍ଦୁଲ୍ ଅଲିମ୍ ଫାରୁକି ସାହେବ ପିତା ଶ୍ରୀମାନ ଅବ୍ଦୁର୍ ରଶିଦ୍ ଫାରୁକି ସାହେବ, କାନାଡ଼ା ନିବାସୀଙ୍କର । ଯାହାଙ୍କୁ ତାଙ୍କ ଘରେ ଅସ୍ତ୍ରଧାରୀ ଡ଼କାୟତ୍‌ମାନେ ଗୁଳି କରି ଶହିଦ୍ କରିଦେଲେ । ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍ । ସେ ହଜରତ ମସିହ ମଉଦ [ଅ.ସ]ଙ୍କ ସାହାବି ହଜରତ ମୌଲବି କୁଦରତୁଲ୍ଲାଃ ସାହେବ ସନଓ୍ୱରୀ[ର.ଅ] ଓ ହଜରତ ମୌଲବି ମୁହମ୍ମଦ ହୁସେନ୍ ସାହେବ [ର.ଅ]ଙ୍କର ଅଣନାତି ଥିଲେ । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ଉଭୟ ମୃତକଙ୍କ ପାଇଁ କ୍ଷମାଯାଚନା ଓ ବୈକୁଣ୍ଠରେ ତାଙ୍କ ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ଏବଂ ସେମାନଙ୍କ ନମାଜ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

✵✵✵ ✵✵✵ ✵✵✵

Khulasa Khutba Juma Huzoor Anwar a.b.a

26th September 2025

*Translated to Odia by :* Moulavi Anwar Ahmad Khan